# ଇଲେକ୍ଟୋରାଲ ବଣ୍ଡ ଦୁର୍ନୀତି ସବୁଠୁ ବଡ଼ ଦୁର୍ନୀତି–କଂଗ୍ରେସ

**ଢେଙ୍କାନାଳ,୩୧।୩(ରତନ ନାୟାର)**

ଇଲେକ୍ଟୋରାଲ ବଣ୍ଡ ଦୁର୍ନୀତି ସ୍ୱାଧୀନ ଭାରତ ଇତିହାସରେ ସବୁଠୁ ବଡ଼ ସରକାରୀ ଦୁର୍ନୀତି। ଏଥିପାଇଁ କେନ୍ଦ୍ରର ନରେନ୍ଦ୍ର ମୋଦିଙ୍କ ସରକାର ସମ୍ପୂର୍ଣ୍ଣ ଭାବେ ଦାୟୀ। ଏହି ରହସ୍ୟମୟ ଆଇନର ଅନ୍ଧକାର ମଧ୍ୟରେ ରାଜ୍ୟର ବିଜେଡି ସରକାର ଗୁପ୍ତଧନ ରୋଜଗାର କରିଥିଲେ ବୋଲି ଢେଙ୍କାନାଳ ଜିଲା କଂଗ୍ରେସ ପକ୍ଷରୁ ରବିବାର ସ୍ଥାନୀୟ ଗାନ୍ଧୀମନ୍ଦିର ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି।


କଂଗ୍ରେସ ପକ୍ଷରୁ ଗାନ୍ଧୀମନ୍ଦିର ଠାରେ ଆୟୋଜିତ ଖବରଦାତା ସମ୍ମିଳନୀ।

ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଜିଲା କଂଗ୍ରେସ ସଭାପତି ସୁନୀଲ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ଦଳର ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ଡା. ତୁଷାରକାନ୍ତି ନାୟକ ଏହି ପ୍ରସଙ୍ଗରେ ବିବରଣୀ ପ୍ରଦାନ କରିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଇଲେକ୍ଟୋରାଲ ବଣ୍ଡ କିଏ ଓ କେତେ ଟଙ୍କାର କିଣିଥିଲେ ଏବଂ କେଉଁ ରାଜନୈତିକ ଦଳକୁ ଦିଆଯାଇଛି, ତାହାର ସମସ୍ତ ତଥ୍ୟ ନିର୍ବାଚନ ଆୟୋଗଙ୍କ ୱେବସାଇଟରେ ସର୍ବସାଧାରଣଙ୍କ ଅବଗତି ପାଇଁ ଉପଲବ୍ଧ ରହିଛି। ବିଜେଡି ଏକ ଆଞ୍ଚଳିକ ଦଳ ହୋଇ ୧୦୧୯.୫ କୋଟି ଟଙ୍କା ଚାନ୍ଦା ପାଇଛି ବୋଲି କଂଗ୍ରେସ ନେତୃବୃନ୍ଦ କହିଛନ୍ତି। ସେହିପରି କେଉଁ ଶିଳ୍ପପତି, କମ୍ପାନୀ ଓ ବ୍ୟକ୍ତିବିଶେଷ ଏହି ଦାନର ପ୍ରତିବଦଳରେ ସରକାରଙ୍କ ଠାରୁ କ'ଣ ଫାଇଦା ଉଠାଇଛନ୍ତି ସେ ବିଷୟରେ ତର୍ଜମା ଚାଲିଛି। କେନ୍ଦ୍ରର ମୋଦି ସରକାର ୧୨ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଚାନ୍ଦା ଲାଭ କରି ନିର୍ବାଚନ ସମୟରେ କଂଗ୍ରେସର ଜମା ଖାତାକୁ ଅଚଳ କରିଦେବା ଏକ ଗଭୀର ଷଡ଼ଯନ୍ତ୍ର ଏବଂ ଅଗଣତାନ୍ତ୍ରିକ ବୋଲି ନେତୃବୃନ୍ଦ କହିଥିଲେ। ମୋଦି ସରକାରଙ୍କ ଏତାଦୃଶ କାର୍ଯ୍ୟକଳାପକୁ ଆମେରିକା, ଜର୍ମାନୀ ସମେତ ଜାତିସଂଘ ପକ୍ଷରୁ ସମାଲୋଚନା କରାଯାଇଛି। ଆଗାମୀ ନିର୍ବାଚନରେ ସେହିପରି କୃଷକମାନଙ୍କ ଅବସ୍ଥାକୁ ସୁଧାରିବା ପାଇଁ ଅଖିଳ ଭାରତ କଂଗ୍ରେସ କମିଟି ଓ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କୃଷକ ନ୍ୟାୟ ଗ୍ୟାରେଣ୍ଟି କାର୍ଡ ପ୍ରଚଳନ କରିଛନ୍ତି। ଏହାକୁ ପିସିସିର କୃଷକ ସେଲ୍ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ ପ୍ରଚାର ପ୍ରସାର ଜାରି ରଖିଛନ୍ତି। ଏହି ସମ୍ମିଳନୀରେ ଜିଲା କୃଷକ ସେଲ୍ ଅଧ୍ୟକ୍ଷ ବିପ୍ରବର ସାହୁ, କୃଷକ ନ୍ୟାୟ ଗ୍ୟାରେଣ୍ଟି ଘୋଷିତ ହେଲେ ସ୍ୱାମୀନାଥମ କମିଟି ସୁପାରିଶ ଆଧାରରେ ଏମ୍‌ଏସ୍‌ପି ପ୍ରଦାନ ଓ ଏମଏସ୍ ପରି ଆଇନଗତ ଗ୍ୟାରେଣ୍ଟି, କୃଷକଙ୍କ ଋଣ ଛାଡ଼ ପାଇଁ ସ୍ଥାୟୀ ଆୟୋଗ ଗଠନ, ବୀମାଦେୟ ଗୁଡ଼ିକର ସିଧାସଳଖ ଟ୍ରାନ୍ସଫର, ଫସଲ ନଷ୍ଟ ହେଲେ ଚାଷୀଙ୍କୁ ୩୦ଦିନ ଭିତରେ ଦେୟ ପ୍ରଦାନ, କୃଷିଜାତ ସାମଗ୍ରୀ ଉପରୁ ଜିଏସ୍‌ଟି ହଟାଇବା ସହିତ ଚାଷୀଙ୍କୁ ଜିଏସ୍‌ଟିମୁକ୍ତ କରିବା ଓ ନୂଆ ଆମଦାନୀ ରପ୍ତାନୀ ନୀତି କରାଯିବ ବୋଲି କହିଥିଲେ। ସେହିପରି ପିସିସି ପକ୍ଷରୁ ଗ୍ୟାରେଣ୍ଟି ମଧ୍ୟରେ କୃଷିଋଣ ଛାଡ଼, କୃଷକଙ୍କ ପାଇଁ ମାସିକ ପେନସନ ୨ହଜାର ଟଙ୍କା, ବୋନସ ସହ ଧାନର କ୍ରୟମୂଲ୍ୟ କୁଇଣ୍ଟାଲ ପ୍ରତି ୩ହଜାର ଟଙ୍କା, ସମସ୍ତ ଚାଷ ଜମିକୁ ଖରିଫରେ ୭୫ ପ୍ରତିଶତ, ରବିର ୨୫ ପ୍ରତିଶତ ଜଳସେଚନ ବ୍ୟବସ୍ଥା, ପ୍ରତି ବ୍ଲକରେ ଶୀତଳଭଣ୍ଡାର ନିର୍ମାଣ, କୃଷି ପାଇଁ ଜଳସେଚନ ନିମନ୍ତେ ୫ବର୍ଷ ପର୍ଯ୍ୟନ୍ତ ମାଗଣାରେ ବିଦ୍ୟୁତ ଯୋଗାଣ, ପ୍ରତି ସୋଲାର ଚାଳିତ ପମ୍ପ ପାଇଁ ଚାଷୀଙ୍କୁ ୯୦ ପ୍ରତିଶତ ରିହାତି ଓ ରାଜ୍ୟର ଦକ୍ଷିଣ, ପଶ୍ଚିମ, ଉତ୍ତର ଭାଗରେ ୩ଟି କୃଷି ବିଶ୍ୱବିଦ୍ୟାଳୟ ପାଇଁ ଘୋଷଣା କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ପିସିସି ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରସାଦ ମହାପାତ୍ର, ଜିଲା ମହିଳା କଂଗ୍ରେସ ସଭାପତି ସ୍ମିତାରାଣୀ ସାମଲ, ଜିଲା କଂଗ୍ରେସ ଉପସଭାପତି ବେଣୁଧର ସାହୁ, ରୁଦ୍ର ନାରାୟଣ ଶରଣ ଓ ଚିନା ବେଗମ ପ୍ରମୁଖ ଉପସ୍ଥିତ ଥିଲେ।

# ଏପ୍ରିଲ ୧୨ରେ ଦଧିବାମନ ଜୀଉ ମନ୍ଦିରର ରତ୍ନମୁଦ

**କାମାକ୍ଷାନଗର,୩୧।୩(ଅମ୍‌ଜାଦ୍ ଖାନ୍)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଆଳତୁମା ଗ୍ରାମର ବହୁ ପ୍ରାଚୀନ ଶ୍ରୀ ଶ୍ରୀ ଦଧିବାମନ ଜୀଉଙ୍କ ପୁରାତନ ମନ୍ଦିରର ରୂପାନ୍ତୀକରଣରେ ରତ୍ନମୁଦ ଉତ୍ସବ ଆସନ୍ତା ୧୨ ତାରିଖରେ ଅନୁଷ୍ଠିତ ହେବ। ୫–ଟି ଅଧୀନରେ ରାଜ୍ୟ ସରକାରଙ୍କ ଅନୁଦାନରେ ଏହି ପ୍ରାଚୀନ ନମନ୍ଦିରର ଉନ୍ନତୀକରଣ କରାଯାଇଛି। ମନ୍ଦିରର ରତ୍ନମୁଦ ଉତ୍ସବରେ ଗ୍ରାମବାସୀ ଶ୍ରଦ୍ଧା ଓ ଭକ୍ତିର ସହ ଶସ୍ୟ ସହ ବିଭିନ୍ନ ରତ୍ନ– ସୁନା, ରୂପା, ତମ୍ବା, ପିତଳ, ହଣ୍ଡା, ଟୁକୁଣା, କଂସାଠାରୁ ଆରମ୍ଭ କରି ପ୍ରାଚୀନ ମୂର୍ତ୍ତି, ଘଣ୍ଟ, ଘଣ୍ଟି, ଶଙ୍ଖ ଭଳି ବସ୍ତୁ ମନ୍ଦିର ଚୂଡାରେ ଥିବା ଗୁମଟରେ ଅର୍ପଣ କରି ଯୁଗ ଯୁଗ ଧରି ସ୍ମୃତି ଅସ୍ମିତାର ସ୍ମାରକୀକୁ ବଜାୟ ରଖିବା ପାଇଁ ନିବେଦନ କରାଯାଇଛି। ଏହି ଦିନରେ ଗ୍ରାମବାସୀଙ୍କୁ ଆମିଷ ଭକ୍ଷଣ କରିବା ପାଇଁ ବାରଣ କରାଯାଇଛି।



# ବିଜ୍ଞାନ କେନ୍ଦ୍ର ପରିସରରେ ବିଦାୟ, ସ୍ୱାଗତ ସମ୍ବର୍ଦ୍ଧନା


ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ଓ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

**ଢେଙ୍କାନାଳ,୩୧।୩(ରତନ ନାୟାର)**

ଢେଙ୍କାନାଳ କପିଳାସ ବିଜ୍ଞାନ କେନ୍ଦ୍ର ପରିସରରେ ଘଟିପିରି ଶିକ୍ଷା ସାଧନ କେନ୍ଦ୍ର ତରଫରୁ ପୂର୍ବତନ ସିଆରସିସି ଛବିଳ କୁମାର ମିଶ୍ର ଓ ଓସ୍ତପାଳ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ବିନୋଦିନୀ ଦେବୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଏବଂ ନୂତନ ଭାବେ ନିଯୁକ୍ତି ପାଇଥିବା ସିଆରସିସି ମହେଶ୍ୱର ପ୍ରଧାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ରବିବାର ପ୍ରଦାନ କରାଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଶିକ୍ଷୟିତ୍ରୀ ମୀନତି ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସରୋଜିନୀ ବର୍ଗିୟା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲତା ଗୁରୁ, ପ୍ରତିଭା ହୋତା, ସନ୍ତୋଷ ଦେହୁରୀ, ଲକ୍ଷ୍ମୀଧର ସାମଲ, କୁଳମଣି ବରାଳ, ଅଶ୍ୱିନୀ କୁମାର ବେହେରା, କୃଷ୍ଣଚନ୍ଦ୍ର ସାହୁ, ସୌଭାଗିନୀ ମିଶ୍ର, ତୁଳସୀ ଦଳେଇ, ମମାରାଣୀ ପ୍ରଧାନ, ସ୍ୱର୍ଣ୍ଣମୟୀ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଏଥିସହିତ ଏହି ସଭାରେ କ୍ଲଷ୍ଟରସ୍ତରୀୟ ବିଦ୍ୟାଳୟରେ ଶୈକ୍ଷିକ ଓ ସହ ଶୈକ୍ଷିକ କାର୍ଯ୍ୟକ୍ରମଗୁଡିକ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଶେଷରେ ଲତା ଗୁରୁ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ୨ ଭେଷଜ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା


ଭେଷଜ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

**ଢେଙ୍କାନାଳ,୩୧।୩(ରତନ ନାୟାର)**

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଓଡ଼ିଶା ଭେଷଜ ଅଧିକାରୀ ସଂଘ ଢେଙ୍କାନାଳ ଶାଖା ପକ୍ଷରୁ ରବିବାର ବରିଷ୍ଠ ଭେଷଜ ଅଧିକାରୀ ପ୍ରଦ୍ୟୁତ କୁମାର ପଣ୍ଡା ଓ ନରେଶ ଚନ୍ଦ୍ର ପାଣିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଚିକିତ୍ସକ ଡା. ବିଜୟ ସାମଲ, ଡା. ରାଜ କିଶୋର ସେଠୀ, ଡା. ଭାନୁ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଉଭୟଙ୍କ ସେବା ଓ କର୍ତ୍ତବ୍ୟ ପରାୟଣତା ସମ୍ପର୍କରେ କହିଥିଲେ। ଜିଲା ଶାଖା ସଭାପତି ବିଜୟ ମିଶ୍ର ଓ ସମ୍ପାଦକ ସୀତାକାନ୍ତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ସଭ୍ୟ ଦୀପ୍ତିରଞ୍ଜନ ସ୍ୱାଇଁଙ୍କ ଦିଗ୍‌ଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାର ଭେଷଜ ଅଧିକାରୀ, ଅଂଶୁମାନ ପରିଡ଼ା, ଦେବାଶିଷ ମିଶ୍ର, ପ୍ରଜ୍ଞାଞ୍ଜଳି ଦେବୀ, ଦିପ୍ତୀ ମଲ୍ଲିକ ଓ ପ୍ରୀତି ଦେବୀ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ମାନ ପ୍ରଦାନ ଉତ୍ସବକୁ ନେଇ ପ୍ରଶ୍ନ ଉଠାଇଲେ ମହେଶ

**ଢେଙ୍କାନାଳ,୩୧।୩(ରତନ ନାୟାର)**

ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇସାରିଥିଲେ ମଧ୍ୟ ଗତ ଶନିବାର ଓ ରବିବାର ଭାରତ ରତ୍ନ ସମ୍ମାନ ପ୍ରଦାନ ଉତ୍ସବ କିପରି ଅନୁଷ୍ଠିତ ହେଲା ଓ ଏହା ଆଚରଣବିଧି ଉଲ୍ଲଂଘନ କଲାନାହିଁ ତାହାକୁ ନେଇ ରବିବାର ପ୍ରଶ୍ନ ଉଠାଇଛନ୍ତି ଢେଙ୍କାନାଳ ଏମ୍‌ପି ତଥା ବିଜେଡି ନେତା ମହେଶ ସାହୁ। ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ମହେଶ କହିଛନ୍ତି, ନିର୍ବାଚନ ବିଜ୍ଞପ୍ତି ପୂର୍ବରୁ କେନ୍ଦ୍ର ସରକାର ପ୍ରବୀଣ ନେତା ଆଡ଼ଭାନୀଙ୍କ ସମେତ ଭାରତରତ୍ନ ସମ୍ମାନ ଘୋଷଣାକୁ ସବୁ ମହଲରୁ ପ୍ରଶଂସା କରାଯାଇଥିଲା। କିନ୍ତୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନାମ ଘୋଷଣା ନ ହେବାରେ ଯଦିଓ ପ୍ରତିକ୍ରିୟା ଥିଲା, ତଥାପି ଏହା ସ୍ୱାଗତ ବିଷୟ। କିନ୍ତୁ ଦୁଃଖର ବିଷୟ, ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ମଧ୍ୟ ଶନିବାର ଓ ରବିବାର ଭାରତ ରତ୍ନ ଉତ୍ସବ ପାଳନ ହୋଇ କିଭଳି ସମ୍ମାନ ପ୍ରଦାନ ହେଲା। ଏହା ଆଚରଣ ବିଧିକୁ କିପରି ଉଲ୍ଲଂଘନ କଲାନାହିଁ। ନିର୍ବାଚନ ଶେଷ ହେବାପରେ ତଥା ଆସନ୍ତା ଜୁନ ୪ ତାରିଖ ପରେ ଏହା ପ୍ରଦାନ କାଯାଇଥିଲେ ମଧ୍ୟ ଚଳିଥାନ୍ତା। ଅତୀତରେ ସେ ବିଧାୟକ ଥିବାବେଳେ ଶ୍ରେଷ୍ଠ ବିଧାୟକ ଭାବେ ଘୋଷିତ ହୋଇଥିଲେ ମଧ୍ୟ ୨୦୦୯ ମସିହାରେ ନିର୍ବାଚନ ଘୋଷଣା ପରେ ଆଚରଣବିଧି ଉଲ୍ଲଂଘନ କାରଣରୁ ତାଙ୍କୁ ପୁରସ୍କାର ଦିଆଗଲା ନାହିଁ। ଏସବୁକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି ବୋଲି ସେ ନିଜ ପ୍ରତିକ୍ରିୟାରେ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

# ଶ୍ୟାମାଚରଣପୁର ବିକାଶ ସମିତି ଦ୍ୱାରା ପଞ୍ଚଦୋଳ

**ଢେଙ୍କାନାଳ,୩୧।୩(ରତନ ନାୟାର)**

ଢେଙ୍କାନାଳ ଶ୍ୟାମାଚରଣପୁର ବିକାଶ ସମିତି ଆନୁକୂଲ୍ୟରେ ପଞ୍ଚଦୋଳ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ଶ୍ୟାମାଚରଣପୁର ବିକାଶ ସମିତି ସଭାପତି ଯୋଗୀନାଥ ମହାନ୍ତିଙ୍କ ପୌରୋହିତ୍ୟରେ ସମ୍ପାଦକ ପ୍ରସନ୍ନ କୁମାର ସାହୁ, ସହସମ୍ପାଦକ ସ୍ୱର୍ଣ୍ଣଭାନୁ ଦାସ, ବରିଷ୍ଠ ସଭ୍ୟ ଅରୁଣ ମହାନ୍ତି, ସୁରେଶ ଜେନା, ଶ୍ୟାମ ତ୍ରିପାଠୀ, ବଂଶୀଧର ସ୍ୱାଇଁ, କୁଳମଣି ସାହୁ, ରୁଚିର ମିଶ୍ର, ବୈଦ୍ୟନାଥ ସେନାପତି, ଦେବାଶିଷ ତ୍ରିପାଠୀ ଓ ମାନସ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତୀ ବିମାନଗୁଡିକ ଉମାଶଙ୍କର ତ୍ରିପାଠୀ, ପ୍ରମୋଦ ଦାଶ ଓ ରଞ୍ଜନ କୁମାର ଦାସଙ୍କ ସହଭାଗିତା ଓ ସହଯୋଗରେ ସଂକୀର୍ତ୍ତନ, ଘଣ୍ଟିଘଣ୍ଟ ବଜାଇ ଶ୍ୟାମାଚରଣପୁର ଗ୍ରାମ ପରିକ୍ରମା କରିଥିଲେ। ଗତ ୩୦ ତାରିଖ ଶନିବାର ପଞ୍ଚଦୋଳ ମେଳଣ ପଡ଼ିଆରେ ସବୁ ବିମାନ ଏକାଠି ହୋଇ ସଂକୀର୍ତ୍ତନ, ଲଉଡିବାଡି ଖେଳ, ଆତସବାଜି କରି ଗ୍ରାମ ଦେବତୀ ସୁନ୍ଦରସୁଣୀ ମନ୍ଦିର ପର୍ଯ୍ୟନ୍ତଯାଇ ଫେରି ମେଳଣ ପଡିଆରେ ବିଜେ କରିଥିଲେ। ଅନୁଷ୍ଠାନ ତରଫରୁ ଢେଙ୍କାନାଳର ପ୍ରତିଷ୍ଠିତ ଗାୟକମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। କୁନି କୁନି କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରାୟ ୧୦୦୦ ଲୋକଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା ଓ ଶୁଖିଲା ଭୋଗ ଅଞ୍ଚଳର ସମସ୍ତଙ୍କ ଘରେ ଘରେ ପହଞ୍ଚାଇବା ପାଇଁ ବନ୍ଦୋବସ୍ତ କରାଯାଇଥିଲା। ସଭାପତି ଯୋଗୀନାଥ ମହାନ୍ତି ଅଞ୍ଚଳବାସୀଙ୍କ ସହଯୋଗ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।


ଶ୍ୟାମାଚରଣପୁର ବିକାଶ ସମିତି ଦ୍ୱାରା ପଞ୍ଚଦୋଳ ଯାତ୍ରା ପାଳନ କରାଯାଉଛି।

# ଦେଓଗାଁରେ ପବିତ୍ର ଦୋଳ ମେଳଣ

**ଢେଙ୍କାନାଳ,୩୧।୩(ରତନ ନାୟାର)**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କପିଳାସ ପାଦ ଦେଶରେ ଥିବା ଦେଓଗାଁ ଗ୍ରାମରେ ପବିତ୍ର ଦୋଳ ମେଳଣ ଉତ୍ସବ ପାଳିତ ହୋଇଯାଇଛି। ମହାପ୍ରଭୁ ରାଧାକୃଷ୍ଣଙ୍କୁ ଏକ ସୁସଜ୍ଜିତ ବିମାନରେ ବାଜା, ବାଣ, ସଂକୀର୍ତ୍ତନ ଓ ଲଉଡି ଖେଳ ମାଧ୍ୟମରେ ଗ୍ରାମ ପରିକ୍ରମା କରାଯାଇ ବିଭିନ୍ନ ସ୍ଥାନରେ ପୂଜା କରାଯାଇଥିଲା। ପଞ୍ଚଦୋଳ ରାତ୍ରରେ ମହାପ୍ରଭୁଙ୍କୁ ଝୁଲଣ କରାଯାଇଥିଲା। ଦେଓଗାଁ ଗ୍ରାମ କମିଟି ସଭାପତି ଗୋବିନ୍ଦ ପତି, ସମ୍ପାଦକ ଗୁରୁଚରଣ ମହାପାତ୍ର, କର୍ମକର୍ତ୍ତା ନିରଞ୍ଜନ ମହାପାତ୍ର, ପ୍ରହଲାଦ ମହାନ୍ତି, ଭାଗୀରଥି ବେହେରା, ବିଦ୍ୟାଧର ସାହୁ, ବିଜୟ ଷଡ଼ଙ୍ଗୀ, ଅକ୍ଷୟ କୁମାର ରଣା, ସୁରେଶଚନ୍ଦ୍ର ମହାପାତ୍ର, ଟୁକୁ ପତି ଓ ମନୋରଞ୍ଜନ ପତି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପଞ୍ଚୁଦୋଳ ଅବସରରେ ବାଲେଶ୍ୱରର ଚ୍ୟାଲେଞ୍ଜ୍ ଅପେରା ପକ୍ଷରୁ ସାମାଜିକ ନାଟକ ମଞ୍ଚସ୍ଥ ହୋଇଥିଲା।

# ବରିଷ୍ଠ ନାଗରିକ ମଞ୍ଚ କର୍ମକର୍ତ୍ତା ନିର୍ବାଚନ


ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ନିର୍ବାଚନ ପରେ ଶପଥପାଠ।

**ଢେଙ୍କାନାଳ,୩୧।୩(ରତନ ନାୟାର)**

ଢେଙ୍କାନାଳର ବରିଷ୍ଠ ନାଗରିକ ମଞ୍ଚ ସାଧାରଣ ସଭା ଜିଲା ଲେଖକ ସଂସଦ ସଭାଗୃହରେ ସଭାପତି ପ୍ରହଲାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜଗନ୍ନାଥଙ୍କ ଆଳତୀ ସହ ଶାନ୍ତିମନ୍ତ୍ର ପାଠ କରାଯାଇଥିଲା। ଦିବଂଗତ ସଦସ୍ୟ ତଥା ମଞ୍ଚର ପୂର୍ବତନ ସଭାପତି ବିରଜା କୁମାର ତ୍ରିପାଠୀ ଏବଂ ସଦସ୍ୟ ଡ. ଶିଶିର କୁମାର ଶତପଥୀଙ୍କ ଅମର ଆତ୍ମାର ସଦ୍‌ଗତି ଏବଂ ଶାନ୍ତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ନିର୍ବାଚନ ଅଧିକାରୀ ଭିକାରୀ ଚରଣ ରାଉତଙ୍କ ତତ୍ତ୍ୱାବଧାନରେ କର୍ମକର୍ତ୍ତା ନିର୍ବାଚିତ କରାଯାଇଥିଲା। ଉପଦେଷ୍ଟା ଭାବେ ବିଧୁଭୂଷଣ ନନ୍ଦ, ପ୍ରମୋଦ କୁମାର ମିଶ୍ର, ପୀତବାସ ଷଡ଼ଙ୍ଗୀ, ଇନ୍ଦ୍ରମଣି ନାୟକ, ଡ. ନିଲମ୍ କୁମାରୀ ମିଶ୍ର, ସଭାପତି ଭାବେ ପ୍ରହଲ୍ଲାଦ ତ୍ରିପାଠୀ, ଉପସଭାପତି ଭାବେ ବସନ୍ତ କୁମାର ପଟ୍ଟନାୟକ, ଦୀପ୍ତିଶ ପ୍ରସାଦ ପଟ୍ଟନାୟକ ଓ ଡ. ପ୍ରକାଶ କୁମାର ପଟ୍ଟନାୟକ, ସାଧାରଣ ସମ୍ପାଦକ ଭାବେ କୃଷ୍ଣ ମୋହନ ସାହୁ, ଯୁଗ୍ମ ସମ୍ପାଦକ ଭାବେ ଭ୍ରମରବର ଦଳାଇ, ବୈକୁଣ୍ଠ ନାଥ ବେହେରା ଓ ସର୍ବେଶ୍ୱର ବିଶ୍ୱାଳ, କୋଷାଧ୍ୟକ୍ଷ ଭାବେ ପୂର୍ଣ୍ଣଚନ୍ଦ୍ର ଶତପଥୀ ଏବଂ କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ଭାବେ ତରୁଣ କୁମାର ବିଶ୍ୱାଳ, କୈଳାସ ଚନ୍ଦ୍ର ପଟ୍ଟନାୟକ, ଉପେନ୍ଦ୍ର କୁମାର ରାଉତ, ପ୍ରତାପ ଚନ୍ଦ୍ର ପତି ଓ ରବି ନାରାୟଣ ପଟ୍ଟନାୟକ ପ୍ରମୁଖ ନବ ନିର୍ବାଚିତ କର୍ମକର୍ତାମାନଙ୍କୁ ନିର୍ବାଚନ ଅଧିକାରୀ ରାଉତ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ।

# ଅଭିଯୁକ୍ତ ଦିଅରଙ୍କୁ ୧୦ବର୍ଷ କାରାଦଣ୍ଡାଦେଶ

## ଝିଆରୀ ଓ ଭାଉଜଙ୍କୁ ମରଣାନ୍ତକ ଆକ୍ରମଣ ମାମଲା

**ଢେଙ୍କାନାଳ,୩୧।୩(ରତନ ନାୟାର)**

ଢେଙ୍କାନାଳ ସହର କୁଞ୍ଜକାନ୍ତ(ଉତ୍ତର ମଧୁବନ) ଅଞ୍ଚଳରେ ଶୁଭଶ୍ରୀ ନାୟକ ଓ ତାଙ୍କ ଝିଅ ପିଆଲି ବରାଳଙ୍କୁ ମରଣାନ୍ତକ ଆକ୍ରମଣ ମାମଲାର ବିଚାର କରି ଅତିରିକ୍ତ ସେସନ୍ସ ଜଜ୍(ମହିଳାଙ୍କ ଅଦାଲତ) ସୁନିତା ରାଉତ ଘଟଣାର ଅଭିଯୁକ୍ତ ଦିଅର ଦେବବ୍ରତ ବରାଳଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ, କୁଞ୍ଜକାନ୍ତ ମଧୁବନ ଅଞ୍ଚଳରେ ଜ୍ଞାନରଞ୍ଜନ ବରାଳ ପରିବାର ସହ ରହୁଥିଲେ। ୨୩ ଏପ୍ରିଲ ୨୦୨୨ ରାତି ୯ଟାରେ ଜ୍ଞାନରଞ୍ଜନଙ୍କ ଭାଇ ଦେବବ୍ରତ ନିଶାଶକ୍ତ ଅବସ୍ଥାରେ ଘର ଭିତରେ ପଶି କବାଟ ଦେଇ ଭାଉଜ ଶୁଭଶ୍ରୀ ଓ ଝିଆରୀ ପିଆଲି(୮ବର୍ଷ)ଙ୍କୁ ଏକ କ୍ରିକେଟ ଷ୍ଟମ୍ପରେ ନିର୍ମମ ଭାବରେ ପିଟିଥିଲେ। ଫଳରେ ମା, ଝିଅ ଘର ଭିତରେ ଚିତ୍କାର କରିଥିଲେ। ପାଟିଶୁଣି ସ୍ୱାମୀ ଜ୍ଞାନରଞ୍ଜନ ଓ ତାଙ୍କ ବାପା ଆସି କବାଟ ବାହାରୁ ଯେତେ ନେହୁରା ହୋଇ କହିଲେ ମଧ୍ୟ ଅଭିଯୁକ୍ତ ଦେବବ୍ରତ ତାହା ନ ଶୁଣି ଭାଉଜ ଓ ଝିଆରୀଙ୍କୁ ମାଡ଼ମାରି ଚାଲିଥିଲେ। ଏହାପରେ କେତେଜଣ ପଡ଼ୋଶୀଙ୍କ ସହାୟତାରେ ବାଡିପଟ କବାଟ ଖୋଲି ଉଭୟ ମା, ଝିଅଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏ ସମ୍ପର୍କରେ ୨୪ ଏପ୍ରିଲ ୨୦୨୨ରେ ଜ୍ଞାନରଞ୍ଜନଙ୍କ ବାପା ଦାଶରଥି ବରାଳ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୩୬।୨୨ରେ ଏକ ମାମଲା ରୁଜୁ କରି ଘଟଣାରେ ବ୍ୟବହୃତ କ୍ରିକେଟ ଷ୍ଟମ୍ପ ଜବତ ସହ ଅଭିଯୁକ୍ତ ଦେବବ୍ରତଙ୍କୁ ଗିରଫ କରିଥିଲା। ଏହି ମାମଲାର ସିଟି ଏସ୍‌ଏସ୍ ନଂ. ୧୪୩।୨୨ର ବିଚାର କରି ଅତିରିକ୍ତ ସେସନ୍ସ ଜଜ୍(ମହିଳାଙ୍କ ଅଦାଲତ) ସୁନିତା ରାଉତ ଏହି ମାମଲାରେ ୧୧ଜଣ ସାକ୍ଷୀଙ୍କ ବୟାନ, ୧୩ଟି ଦସ୍ତାବିଜ୍ ଆଧାରରେ ଅଭିଯୁକ୍ତ ଦେବବ୍ରତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩୦୭ରେ ୧୦ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା, ଅନାଦାୟ ୬ମାସ ସଶ୍ରମ କାରାଦଣ୍ଡ, ୩୪୨ ଦଫାରେ ୧ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୧ହଜାର ଟଙ୍କା ଜରିମନା, ଅନାଦାୟ ୧ମାସ କାରାଦଣ୍ଡ, ୩୨୩ ଦଫାରେ ୧ବର୍ଷ ସଶ୍ରମ କାରାଦଣ୍ଡ ସହ ୧ ହଜାର ଟଙ୍କା ଜରିମାନା, ଅନାଦାୟ ୧ମାସ କାରାଦଣ୍ଡ, ୩୨୫ ଦଫାରେ ୭ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା, ଅନାଦାୟ ୬ମାସ କାରାଦଣ୍ଡାଦେଶ ପ୍ରଦାନ କରିଥିଲେ। ସମସ୍ତ ଦଣ୍ଡାଦେଶ ସମାନ୍ତରାଳ ଭାବେ ଚାଲିବ ବୋଲି ସୂଚନା ଦିଆଯାଇଛି। ଜରିମାନା ଟଙ୍କାକୁ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ପ୍ରଦାନ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସୂର୍ଯ୍ୟ ନାରାୟଣ ତ୍ରିପାଠୀ ପରିଚାଳନା କରିଥିଲେ।

**ଶିକ୍ଷକଙ୍କ ମୃତଦେହ ଜବତ**

ବଇଣ୍ଡା,(ପରିକ୍ଷିତ ସାହୁ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କୁତୁଲିସିଙ୍ଗା ଗ୍ରାମର ଶିକ୍ଷକ ଶୁକଦେବ ନାୟକ (୫୦)ଙ୍କ ମୃତଦେହ ରବିବାର ଠାକୁରଗଡ଼ ପୋଲିସ ଜବତ କରିଛି। ସେ ଆତ୍ମହତ୍ୟା କରିଥିବା ଜଣାପଡିଛି। ପୋଲିସ କହିଛି, ସକାଳେ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖି ପରିବାର ଲୋକେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ଜବତ କରିବା ସହ ନଂ. ୩/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# କଂଗ୍ରେସକୁ ବଦନାମ ବରଦାସ୍ତ କରାଯିବ ନାହିଁ

## ଇଲେକ୍ଟୋରାଲ ବଣ୍ଡ ନେଇ କଂଗ୍ରେସର ଖବରଦାତା ସମ୍ମିଳନୀ

ଅନୁଗୋଳ ୩୧।୩ (ଅମିତ କୁମାର ସାମଲ)

ଭାରତବର୍ଷର ସମ୍ବିଧାନ ବର୍ତ୍ତମାନ ଅସୁରକ୍ଷିତ। କେନ୍ଦ୍ର ଭାଜପା ସରକାରର ୧୦ ବର୍ଷ ଶାସନ କାଳରେ ଦୁର୍ନୀତିର ଚେର ମାଡି ଚାଲିଛି। ବ୍ରିଟିଶରାଜ ଓ ଏକଚ୍ଛତ୍ରବାଦୀ ଶାସନ ଚାଲୁଥିବା ବେଳେ ଗଣତନ୍ତ୍ର ବଦଳରେ ଜଣତନ୍ତ୍ରର କାରବାର ବଢିଚାଲିଛି। ନ୍ୟାୟ ଦେବା ପରିବର୍ତ୍ତେ ଅନ୍ୟାୟର ଆଶ୍ରୟ ନେଇ ହଇରାଣ କରାଯାଉଛି। ଗତ ଦୁଇ ପାଳି ସାଧାରଣ ନିର୍ବାଚନରେ ଭାଜପା ଜନତାଙ୍କୁ ଦେଇଥିବା ପ୍ରତିଶ୍ରୁତି ସମ୍ପୂର୍ଣ୍ଣ ପ୍ରତାରଣାରେ ପରିଣତ ହୋଇଛି। ଭାଜପା ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ଚାନ୍ଦା ଦିଅ, ଧନ୍ଦା ନିଅ, ଠିକା ନିଅ ଲାଞ୍ଚ ଦିଅ ଆଦି ବ୍ୟବସ୍ଥା କରି ବିଭିନ୍ନ ଜାଲି କମ୍ପାନୀ ମାଧ୍ୟମରେ ୬ ହଜାର କୋଟିରୁ ଅଧିକ ଟଙ୍କାର ଦୁର୍ନୀତି କରିଛି ବୋଲି ଅନୁଗୋଳ ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ କଂଗ୍ରେସ ଭବନ ଠାରେ ଜିଲା ସଭାପତି ସଂଗ୍ରାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ତଥା ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଅଭିଯୋଗ କରିଛନ୍ତି।




ଗଣମାଧ୍ୟମକୁ ସମ୍ବୋଧିତ କରି ଅମିୟ କହିଛନ୍ତି, କେନ୍ଦ୍ରର ନରେନ୍ଦ୍ର ମୋଦି ଏକଚ୍ଛତ୍ରବାଦୀ ସରକାରକୁ କୌଣସି ପ୍ରକାରେ ବରଦାସ୍ତ କରାଯିବ ନାହିଁ। ନିଜ କୁ-କର୍ମକୁ ଘୋଡ଼ାଇବାକୁ ଯାଇ ଭାଜପା ଭାରତବର୍ଷର ସର୍ବପୁରାତନ ଭାରତୀୟ ଜାତୀୟ କଂଗ୍ରେସର ବ୍ୟାଙ୍କ ଖାତାକୁ ଆୟକର ବିଭାଗ ଦ୍ୱାରା ଜାଣିଶୁଣି ଅଚଳ କରିଦେଇଛି। ସାଧାରଣ ନିର୍ବାଚନ ସମୟରେ ଆକ୍ରୋଶମୂଳକ ଭାବେ ନରେନ୍ଦ୍ର ମୋଦି ସରକାର ନିକଟରେ ଆୟକର ବିଭାଗ ଦ୍ୱାରା ୧୮୨୩ କୋଟି ୮ଲକ୍ଷ ଟଙ୍କା ପୈଠ କରିବା ପାଇଁ କଂଗ୍ରେସ ଦଳକୁ ନୋଟିସ ପଠାଇଛି। ଆୟକର ବିଭାଗ ବଳ ପୂର୍ବକ ଏହା ପୂର୍ବରୁ ଭାରତୀୟ ଜାତୀୟ କଂଗ୍ରେସ ବ୍ୟାଙ୍କ ଆକାଉଣ୍ଟରୁ ୧୩୫ କୋଟି ଟଙ୍କା ନେଇ ସାରିଛି। ୮ବର୍ଷ ତଳର ରିଟର୍ଣ୍ଣ କରିବା ପାଇଁ ଯେଉଁ ଦାବି କରାଯାଇଛି ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ଅଗଣତାନ୍ତ୍ରିକ। ଏହା ଭାଜପା ସରକାରର ଏକ ପ୍ରତିହିଂସା ପରାୟଣର ନମୁନା, ଯାହାକୁ ଦୃଢ ହସ୍ତରେ ଦମନ କରିବା ପାଇଁ ରାହୁଲ ଗାନ୍ଧୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ବୋଲି ପଟ୍ଟନାୟକ ଗଣମାଧ୍ୟମକୁ ପ୍ରକାଶ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ଜଗଦାନନ୍ଦ ପ୍ରଧାନ, ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରିଣୀ ସଦସ୍ୟ ଅମ୍ବିକା ପ୍ରସାଦ ଭଞ୍ଜ ଓ ଜିଲା ମୁଖ୍ୟ ମୁଖପାତ୍ର ଗୋପାଳ ଚନ୍ଦ୍ର ନାଥ ବକ୍ତବ୍ୟ ରଖିଥିବା ବେଳେ ପ୍ରଦେଶ କାର୍ଯ୍ୟକାରିଣୀ ସଦସ୍ୟ ରାଜେନ୍ଦ୍ର ସାହୁ, ରାଜ୍ୟ କିଷାନ ସେଲ୍ ଉପାଧ୍ୟକ୍ଷ ଅମିୟ ସାହୁ, ଜିଲା ଉପସଭାପତି ଚିତ୍ତରଞ୍ଜନ ନାଏକ, ଦୁଷ୍ମନ୍ତ ସେନାପତି, ଜିଲା ମହିଳା ସଭାନେତ୍ରୀ ସବିତା ଧୀର, ଜିଲା କିଷାନ ସେଲ୍ ଅଧ୍ୟକ୍ଷ ଦାଶରଥି ସାହୁ, ରାକେଶ ମିଶ୍ର, ନଗର ମହିଳା ସଭାନେତ୍ରୀ କାସିଦା ଖାନ, ପ୍ରଦ୍ୟୁମ୍ନ ସାହୁ, ମାନସ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# 'କେନ୍ଦ୍ର, ରାଜ୍ୟ ସରକାର ପ୍ରତିଶ୍ରୁତି ପୂରଣ କରୁନି'

ଅନୁଗୋଳ,୩୧।୩ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ନାଲ୍‌କୋ ଏମ୍ପ୍ଲିଜ ସଂଘ କାର୍ଯ୍ୟାଳୟ ପରିସରରେ କଂଗ୍ରେସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ଜଗଦାନନ୍ଦ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଜିଲା ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ଗୋପାଳ ନାଥ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଦେଶ କଂଗ୍ରେସ କମିଟି ରାଜ୍ୟ ମୁଖପାତ୍ର କହିଥିଲେ, ବିଜୁ ଜନତା ଦଳ ଦୀର୍ଘ ୨୪ ବର୍ଷ ଧରି ଓଡ଼ିଶାରେ ଶାସନ ଗାଦି ମାଡ଼ି ବସିଥିବା ବେଳେ ୨୦୦୦ ମସିହାରୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିନାହିଁ। ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ୧୦ ଗୋଟି ଜିଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଉନ୍ନତି କରିବାରେ ବିଫଳ ହୋଇଛି। ୨୦୦୦ ମସିହାରେ ବାର୍ଷିକ ୬ ଲକ୍ଷ ନିଯୁକ୍ତି ପାଇଁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ଅଦ୍ୟାବଧି ତାହା ପୂରଣ ହୋଇ ନାହିଁ। ବର୍ତ୍ତମାନ ୩୦ ଲକ୍ଷ ଯୁବକ ଦାଦନ ଶ୍ରମିକ ରୂପେ କାର୍ଯ୍ୟ କରୁଛନ୍ତି। ୪୫ ଲକ୍ଷ ବେକାର ଯୁବତୀଯୁବକ ଦୁର୍ଦ୍ଦଶାରେ ଜୀବନ ଅତିବାହିତ କରୁଛନ୍ତି। ମହିଳା ହିଂସା ବୃଦ୍ଧି ପାଇବା ସହ ଦୈନିକ ୯ ଜଣ କନ୍ୟା ବଳାତ୍କାରର ଶିକାର ହେଉଛନ୍ତି। ଇଲେକ୍ଟୋବଣ୍ଡରେ ବିଜୁ ଜନତା ଦଳ ୧ ହଜାର କୋଟିରୁ ଅଧିକ ଟଙ୍କା ପାଇଛି। କେନ୍ଦ୍ର ଭାଜପା ସରକାର ୮୨୫୨ କୋଟି ଟଙ୍କା ପାଇଥିବା ବେଳେ ଇଡି ସିବିଆଇ ଲଗାଇ ଧମକାଇ ୨୦୦୪ କୋଟି ହାତେଇଛି। ଜିଲା କଂଗ୍ରେସ କମିଟି ମୁଖ୍ୟପାତ୍ର ଗୋପାଳ ନାଥ ଅନୁଗୋଳ ଜିଲାରେ ଗଢି ଉଠିଥିବା ଶିଳ୍ପ, ଖଣି, କମ୍ପାନୀ କଂଗ୍ରେସ ଶାସନ ବେଳେ ହୋଇଥିଲା। ଅନୁଗୋଳ ମାଟିର ପୁଅ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅନୁଗୋଳ ବିଧାୟକ, ଢେଙ୍କାନାଳ ଏମ୍‌ପି ଜିଲାର ପ୍ରମୁଖ ସମସ୍ୟା ପ୍ରଦୂଷଣ ରୋକିବା ଓ ଜାତୀୟ ରାଜପଥ ମରାମତି ନେଇ ବିଧାନସଭା କିମ୍ବା କେନ୍ଦ୍ରରେ ଦାବି ଉପସ୍ଥାପନ ନ କରିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ୫୫ ନମ୍ବର ଜାତୀୟ ରାଜପଥରେ କେଇବର୍ଷ ମଧ୍ୟରେ ଶତାଧିକ ଦୁର୍ଘଟଣା ଘଟି ଅଦ୍ୟାବଧି ୫୦୦ରୁ ଊର୍ଦ୍ଧ୍ୱ ଜନତାଙ୍କ




ମୃତ୍ୟୁ ହୋଇଥିବା ବେଳେ କେନ୍ଦ୍ର ଭାଜପା କିମ୍ବା ରାଜ୍ୟ ସରକାର ସମାଧାନ ପନ୍ଥା ଅବଲମ୍ବନ ନକରିବା ଘୋର ଲଜ୍ୟାଜନକ। ନାଲକୋ ସ୍ମେଲଟରର ୯୬୦ଟି ପଟ ବିପଦସଂକୁଳ ଅବସ୍ଥାରେ ଥିବା ବେଳେ ତାହାର ମେଣ୍ଟେନାନ୍ସ କରା ନ ଯିବା ମହାବିପଦର ଆଶଙ୍କା ପ୍ରକାଶ କରିଥିଲେ। ସେହିପରି ତାଳଚେର-ହାଣ୍ଡିଧୁଆ ରାସ୍ତା ବିପଦସଂକୁଳ ଦେଇ ଗତି କରୁଥିବା ବେଳେ ତାଳଚେର ରେଲୱେ ଓଭରବ୍ରିଜ ସମ୍ପୂର୍ଣ୍ଣ ହୋଇନାହିଁ। ୨୦୨୨ ମସିହାରେ ମୋଦି ତାଳଚେର ଗ୍ରସ୍ତରେ ଆସି ଏଫ୍‌ସିଆଇ ପ୍ଲାଣ୍ଟ ଓ ଥର୍ମାଲ ପ୍ଲାଣ୍ଟ ପୁନରୁଦ୍ଧାର ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ବର୍ତ୍ତମାନ ପର୍ଯ୍ୟନ୍ତ ପୂରଣ ହୋଇନାହିଁ। କଂଗ୍ରେସ ଶାସନକୁ ଫେରିଲେ ମହିଳାଙ୍କୁ ବାର୍ଷିକ ୨୦୦୦ ଟଙ୍କା ଗୃହ ଲକ୍ଷ୍ମୀ ଯୋଜନାରେ ଆର୍ଥିକ ସହାୟତା ଯୋଗାଇବା ସହ କୃଷକମାନଙ୍କ ଋଣ ଛାଡ କରିବା, ୨୦୦ ୟୁନିଟ୍ ବିଜୁଳି ଛାଡ଼, ବାର୍ଷିକ ୫ ଲକ୍ଷ ଯୁବତୀ ଯୁବକଙ୍କୁ ନିଯୁକ୍ତି, ବେକାରୀ ଭତ୍ତା ୩୦୦୦ ଟଙ୍କା, ଗ୍ୟାସ ୫୦୦ ଟଙ୍କାରେ, ୨୫ ଲକ୍ଷ ଜୀବନ ବୀମା, ଚିଟ ଫଣ୍ଡ ପଇସା ସୁଧ ସହ ଫେରାଇବା ପାଇଁ ଗ୍ୟାରେଣ୍ଟି ଦିଆଯାଇଛି ବୋଲି କହିଥିଲେ।

# ମଙ୍ଗଳା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଅନୁଗୋଳ,୩୧।୩(ଅମିତ କୁମାର ସାମଲ)

ଆସନ୍ତା ୧୬ ତାରିଖ ମଙ୍ଗଳାର କୁଲାଡ଼ ଗ୍ରାମରେ ମା' ମଙ୍ଗଳାଙ୍କ ୨୬ତମ 'ମଙ୍ଗଳା ମହୋତ୍ସବ' ଅନୁଷ୍ଠିତ ହେବ। ଏ ନେଇ ଗ୍ରାମରେ ଅନୁଷ୍ଠିତ ଏକ ବୈଠକରେ ନିଷ୍ପତ୍ତି କରାଯାଇଛି। ଏ ବର୍ଷ ଅନୁଷ୍ଠାନ ତରଫରୁ ପ୍ରଥମ ଥର ପାଇଁ ଗ୍ରାମରେ ମହାବୀର ଗଣନାଟ୍ୟ ଅପେରା ପରିବେଷଣ କରିବ ବୋଲି ଅନୁଷ୍ଠାନ ସଭାପତି ପ୍ରକାଶ ବେହେରା କହିଛନ୍ତି। ପ୍ରତେକ ବର୍ଷ ପରି ଏ ବର୍ଷ ମଧ ମା ମଙ୍ଗଳାଙ୍କ ଯାତ୍ରା ମହା ଆଡମ୍ବରରେ ପାଳନ କରାଯିବ ବୋଲି ଅନୁଷ୍ଠାନ ତରଫରୁ ନିଷ୍ପତ୍ତି କରାଯାଇଛି। ଉକ୍ତ ବୈଠକରେ ଅନୁଷ୍ଠାନ ସମ୍ପାଦକ ଗୁରୁ ଚରଣ ସେଠ, କୋଷାଧ୍ୟକ୍ଷ ମାନସ ମହାପାତ୍ର, ନଗେନ ସାହୁ, ବାପୁ ସିଂ, ପିଣ୍ଟୁ ମହାପାତ୍ର, ଟୁନା ଜେନା, ବିମଳ ସେଠ, ରିଙ୍କୁନ ଜେନା, ସିପୁନ ସେଠ, ମହେଶ ସିଂ, ନିମାଇଁ ଜେନା, ପବିତ୍ର ସେଠ, ଲକ୍ଷ୍ମୀଧର ସେଠ, ସୁଜନ ସ୍ୱାଇଁ ଏବଂ ପୂଜକ ଚେଣ୍ଡାଳ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



# ଅନୁଗୋଳ ସମସ୍ୟା ନିର୍ବାଚନୀ ପ୍ରସଙ୍ଗ ହେଉ




ଖବରଦାତା ସମ୍ମିଳନୀରେ ଅନୁଗୋଳ ସ୍ୱାଭିମାନ ମଞ୍ଚ କର୍ମକର୍ତ୍ତାମାନେ।

ଅନୁଗୋଳ, ୩୧।୩ (ଅମିତ କୁମାର ସାମଲ)

ଅନୁଗୋଳ ସ୍ୱାଭିମାନ ମଞ୍ଚ ପକ୍ଷରୁ ରବିବାର ସ୍ଥାନୀୟ ଏକ ହୋଟେଲ୍‌ରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ପକ୍ଷରୁ ଅନୁଗୋଳ ଜନସାଧାରଣଙ୍କ ସ୍ୱାର୍ଥ ସମ୍ବଳିତ ୧୭ଟି ଦାବି ଏଥିରେ ଉପସ୍ଥାପନ କରାଯାଇଥିଲା। ମଞ୍ଚ ପକ୍ଷରୁ ହୋଇଥିବା ପ୍ରଥମ ପ୍ରସ୍ତୁତି ବୈଠକରେ ଟାଟା ଷ୍ଟିଲ ପାଖରୁ ବଡ଼କେରା ପର୍ଯ୍ୟନ୍ତ ୪ ଥାକିଆ ରାସ୍ତା କରିବାକୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯାଇଛି। ଏଥିସହ ତାଳଚେର ମେଡିକାଲ କଲେଜକୁ ତୁରନ୍ତ କାର୍ଯ୍ୟକାରୀ କରିବା ସହ ଜିଲାରେ ଥିବା ଶିଳ୍ପାନୁଷ୍ଠାନରେ ସ୍ଥାନୀୟ ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ପ୍ରଦାନ କରିବା, ଜିଲାବାସୀଙ୍କୁ ୨୪ ଘଣ୍ଟିଆ ଦେୟମୁକ୍ତ ବିଜୁଳି ଯୋଗାଇବା, ହାତୀ କବଳରୁ ଜନଜୀବନ ରକ୍ଷା କରିବା, ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଛାଡ଼ କରିବା, ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ଜିଲା ଖଣିଜ ପ୍ରତିଷ୍ଠାନରୁ ଅର୍ଥ ବ୍ୟବସ୍ଥା କରିବା, ଖଣି ଅଞ୍ଚଳରେ ପ୍ରଭାବିତ ହୋଇଥିବା ଛାତ୍ରୀଛାତ୍ରଙ୍କ ପଢ଼ା ଖର୍ଚ୍ଚ ବହନ କରିବା, ପକ୍କା ଘର ନ ଥିବା ଲୋକଙ୍କୁ ଜିଲା ଖଣିଜ ପ୍ରତିଷ୍ଠାନରୁ ୫ ଲକ୍ଷ ପର୍ଯ୍ୟନ୍ତ ସହାୟତା ଯୋଗାଇବା, ଅନୁଗୋଳର ପ୍ରତ୍ୟେକ ବ୍ୟକ୍ତିଙ୍କୁ ୨୦ ଲକ୍ଷ ପର୍ଯ୍ୟନ୍ତ ବୀମା ରାଶି ଯୋଗାଇବା, ଜିଲାର ପ୍ରତ୍ୟେକ ପରିବାରକୁ ବିନା ଦେୟରେ ୧୦ଟି ଚାରା ପ୍ରଦାନ କରିବା। ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ଅଧିନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ସହ ବେତନ ପ୍ରଦାନ କରିବାକୁ ଦାବି କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ପ୍ରବୋଧ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବାବେଳେ ଅଭିଷେକ ନାଏକ, ଅଶୋକ ନାଏକ, ସୋଭିଏତ ମହାପାତ୍ର, ଆଶୁତୋଷ ଦାସ, ଜଗନ୍ନାଥ ବେହେରା, ଲୋକନାଥ ମହାରଣା, ଉପେନ୍ଦ୍ର ଦେହୁରୀ, ସଂଗ୍ରମ ବେହେରା, ବ୍ରହ୍ମା ସାହୁ, ଗୋପି ନାଏକ, ଭଗବାନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଏସବୁ ଦାବିକୁ ନିର୍ବାଚନୀ ପ୍ରସଙ୍ଗ କରିବାକୁ ପରାମର୍ଶ ଦେଇଥିଲେ।

# ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନ,୩୧।୩( ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ପୋଥାଳଙ୍କୁ ଶନିବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଡିଗ୍ରୀ କଲେଜ ଅଧ୍ୟକ୍ଷ ଦିଲୀପ ଦାସ ଅଧ୍ୟକ୍ଷତା କରିଥିଲେ। ରାଜନୀତି ବିଭାଗର ଅଧ୍ୟକ୍ଷା ଡ. ମମତା ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଲେଜର ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀ, ପୁରାତନ ଛାତ୍ରୀମାନେ ଉପସ୍ଥିତ ରହି ଅଧ୍ୟକ୍ଷଙ୍କ ଚାକିରି କାଳ ସମୟ ଓ କଲେଜ ପାଇଁ ତାଙ୍କର ଅବଦାନ, ଲୋକପ୍ରିୟତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କଲେଜ ପକ୍ଷରୁ ଅବସରପ୍ରାପ୍ତ ଅଧ୍ୟକ୍ଷଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ୧୯୯୧ ମସିହା ଆରମ୍ଭରେ ସୁରେନ୍ଦ୍ର ଚାକିରୀ ଆରମ୍ଭ କରିଥିଲେ। ସେ ଜଣେ ଛାତ୍ରୀ ବତ୍ସଳ ଓ ଲୋକପ୍ରିୟ ଭାବେ ବେଶ୍ ଜଣାଶୁଣା ଥିଲେ।



ଅବସର କାଳୀନ ସମର୍ଦ୍ଧନା ସଭାରେ ଅଧ୍ୟକ୍ଷଙ୍କୁ ମାନପତ୍ର ପ୍ରଦାନ କରାଯାଉଛି।

# ପୃଥକ ଦୁର୍ଘଟଣାରେ ୨ ମୃତ

କାମାକ୍ଷାନଗର,୩୧।୩(ସୁଧୀର ପରିଡ଼ା)

କାମାକ୍ଷାନଗର ଥାନା ଓ କଙ୍କଡ଼ାହାଡ ଅଞ୍ଚଳରେ ୨ଟି ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଛି। କାମାକ୍ଷାନଗର ଥାନା ରାଙ୍କିଆ ନିକଟରେ ରାଙ୍କିଆ ଗ୍ରାମର ସଲମନ ପାତ୍ର ବାଇକ୍‌ରେ ଯାଉଥିବାବେଳେ ରାସ୍ତା ତଳକୁ ଖସି ପଡିଥିଲେ। ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ନଂ. ୨୧୧/୨୪ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସେହିପରି କଙ୍କଡ଼ାହାଡ ଥାନା ଭଦଳିଆ ବସନ୍ତପୁର ଗ୍ରାମର ମାୟାଧର ରାଉଳ ବାଇକ୍‌ରେ କଙ୍କଡ଼ାହାଡରୁ କାମାକ୍ଷାନଗର ଅଭିମୁଖେ ଆସୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କୁ କାମାକ୍ଷାନଗର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ନଂ. ୭୫/୨୪ରେ ଏକ ମାମଲା ରୁଜୁ ହୋଇଛି।



ନିର୍ବାଚନ ଓ ସହରରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଅନୁଗୋଳ ଟାଉନ ଥାନା ପକ୍ଷରୁ ରବିବାର ଫ୍ଲାଗ୍ ମାର୍ଚ୍ଚ କରାଯାଉଛି।

# ଅନୁଗୋଳ ପୋଲିସର ଫ୍ଲାଗ ମାର୍ଚ୍ଚ

ଅନୁଗୋଳ, ୩୧।୩
(ଅମିତ କୁମାର ସାମଲ)

ଅନୁଗୋଳ ଟାଉନ୍ ଥାନା ପକ୍ଷରୁ ରବିବାର ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ସାଧାରଣ ନିର୍ବାଚନ ଓ ସହରରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ଫ୍ଲାର୍ଗମାର୍ଚ୍ଚ କରାଯାଇଥିଲା। ସହରରେ ଥିବା ବିଭିନ୍ନ ଦୋକାନ ବଜାରକୁ ରାତି ୧୦ଟା ସୁଦ୍ଧା ବନ୍ଦ କରିବାକୁ ପୋଲିସ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ବାଚନ ସମୟରେ ହେଉଥିବା ହିଂସା ଓ ଆଇନଶୃଙ୍ଖଳା ପରିସ୍ଥିତି ଯେଭଳି ଭାବେ ନ ଉପୁଜେ ସେ ନେଇ ଫ୍ଲାର୍ଗମାର୍ଚ କରାଯାଇଥିବା ଜଣାପଡ଼ିଛି। ସହରର ଗୀତାଗ୍ରାମ, ଶିମିଳିପଡ଼ା, ପିଟିସି ଉଚ୍ଚ ବିଦ୍ୟାଳୟ, ଅମଲାପଡ଼ା, ଶିକ୍ଷକପଡ଼ା, ଟାଉନ ହାଇସ୍କୁଲ, ଉତ୍ତରପଡ଼ା ଅଞ୍ଚଳରେ ଏହି ଫ୍ଲାର୍ଗମାର୍ଚ୍ଚ କରାଯାଇଥିଲା। ଅନୁଗୋଳ ଟାଉନ୍ ଥାନା ଅଧିକାରୀ ଧିରେଶ କୁମାର ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ଫ୍ଲାର୍ଗମାର୍ଚ୍ଚରେ ବିଏସ୍‌ଏଫ, ପୋଲିସ କର୍ମଚାରୀ, ଥାନା ଏସ୍‌ଆଇ, ଏଏସ୍‌ଆଇ ଉପସ୍ଥିତ ଥିଲେ। ସୋମବାର ଅବଶିଷ୍ଟ ଜାଗାରେ ଫ୍ଲାର୍ଗ ମାର୍ଚ୍ଚ କରାଯିବା ସହ ବଜାରରେ ମଧ୍ୟ ଫ୍ଲାର୍ଗମାର୍ଚ୍ଚ କରାଯିବ ବୋଲି ଅନୁଗୋଳ ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ବିରାଶାଳ ମଣ୍ଡଳ ଭାଜପାର ମିଶ୍ରଣ ପର୍ବ

କାମାକ୍ଷାନଗର,୩୧।୩(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀ କଙ୍କଡାହାଡ଼ ବ୍ଲକ ବିରାଶାଳ ମଣ୍ଡଳର ବିଭିନ୍ନ ପଞ୍ଚାୟତରୁ ଅନ୍ୟ ଦଳର କର୍ମୀ, ସମିତି ସଦସ୍ୟ, ନାଏବ ସରପଞ୍ଚ, ୱାର୍ଡସଦସ୍ୟ ରବିବାର ଭାଜପାରେ ସାମିଲ ହୋଇଛନ୍ତି। ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁଙ୍କ ନେତୃତ୍ୱରେ ମକୁଆକାଟେଣି ପଞ୍ଚାୟତ ପଥରକଟା ଗ୍ରାମରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବିରାଶାଳ ମଣ୍ଡଳ ସଭାପତି ସନାତନ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୂତି ଭୂଷଣ ପ୍ରଧାନଙ୍କ ଉପସ୍ଥିତିରେ ଅନ୍ୟ ଦଳର ବହୁ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ମକୁଆକାଟେଣି ସମିତି ସଭ୍ୟ ହୀରାବତୀ ମୁଣ୍ଡା, ମାଧବ ଦେହୁରୀଙ୍କ ସହିତ ବିରାଶାଳ ମଣ୍ଡଳର ୬ ପଞ୍ଚାୟତ ମକୁଆକାଟେଣି, ବାଟଗାଁ, ବିରାଶାଳ, ରାଇବୋଲ, ମରୁଆବିଲ, ବାଲିକୁମା ପଞ୍ଚାୟତର ଅନ୍ୟ ଦଳରୁ ୫୦୦ରୁ ଊର୍ଦ୍ଧ୍ୱ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ନୂତନ ଭାବେ ମିଶିଥିବା ସଦସ୍ୟମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କଙ୍କଡାହାଡ଼ ବ୍ଲକ ପୂର୍ବତନ ଅଧ୍ୟକ୍ଷ ରାସବିହାରୀ ବେହେରା, ଜିଲା ଉପସଭାପତି ମାତୃପ୍ରସାଦ ନନ୍ଦ, ଦୀପକ ଗୋଚ୍ଛାୟତ, ଦେବାଶିଷ ପଣ୍ଡା, ହରେଶ ବେହେରା, କଙ୍କଡାହାଡ଼ ମଣ୍ଡଳ ସଭାପତି ନାଉରି ସିଂହ, ଜଗନ୍ନାଥ ଗଡ଼ନାୟକ, ଯଯାତି ସାହୁ, ବଳଭଦ୍ର ସାହୁ, ଦୀପାମଞ୍ଜରି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# ଭାଜପାର ବିଶାଳ କର୍ମୀ ସମ୍ମିଳନୀ



ଅନୁଗୋଳ,୩୧।୩(ଅମିତ ସାମଲ)

ଅନୁଗୋଳ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅଙ୍ଗରବନ୍ଧ ପଞ୍ଚାୟତର ଚଣ୍ଡୀଖମଣ ମନ୍ଦିର ପଡିଆଠାରେ ଭାଜପା ଅନୁଗୋଳ ଶାଖା ତରଫରୁ ଏକ ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଅନୁଗୋଳ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଞ୍ଚାୟତ ତଥା ଅନୁଗୋଳ ନଗର ମଣ୍ଡଳର ବହୁ କର୍ମକର୍ତ୍ତା ଉପସ୍ଥିତ ରହି ଆଗାମୀ ନିର୍ବାଚନରେ ଅନୁଗୋଳ ବିଧାନସଭା ନିର୍ବାଚନ ମଣ୍ଡଳୀ ଓ ଢେଙ୍କାନାଳ ଲୋକ ସଭା କ୍ଷେତ୍ରରୁ ଭାଜପା ତରଫରୁ ପ୍ରତିନିଧିତ୍ୱ କରୁଥିବା ଜନ ପ୍ରତିନିଧିମାନଙ୍କୁ ବିପୁଳ ମାତ୍ରାରେ ଭୋଟ୍ ଦେଇ ଜୟଯୁକ୍ତ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚଳିତ ବର୍ଷ ଢେଙ୍କାନାଳ ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ରୁଦ୍ରନାରାୟଣ ପାଣି, ଅନୁଗୋଳ ବିଧାନସଭା ପ୍ରଭାରୀ ଯଯାତୀ ପଟ୍ଟନାୟକ, ଅନୁଗୋଳ ବିଧାନସଭା ସଂଯୋଜକ ଦିଲୀପ ଦାସ, ଜିଲା ସମ୍ପାଦକ ପ୍ରଭାତ ପ୍ରଧାନ, ନମିତା ଦଳବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ଛବିମୋହନ ସାହୁ, ହାଡିବନ୍ଧୁ ଦେହୁରୀ, ଅନୁଗୋଳ ପୌରପାଳିକାର ଉପନଗରପାଳ ଅନୁପମା ସାହୁ, କାଉନସିଲର ସୁଲୋଚନା ଦିବେଦୀ, ପ୍ରଜ୍ଞା ଦାସ, ଦୁଃଖବନ୍ଧୁ ସାହୁ, ଅଖିଳ ସାମଲ, ପ୍ରିୟବ୍ରତ ପାଗଳ, ପ୍ରଦୀପ ରାଉତଙ୍କ ସମେତ ପଞ୍ଚାୟତ ଗୁଡିକର ସରପଞ୍ଚ ଓ ସମିତିସଭ୍ୟ, ବହୁ ମହିଳାପୁରୁଷ କର୍ମୀ ଉପସ୍ଥିତ ଥିଲେ।

